# ସାମନ୍ତ ଚନ୍ଦ୍ରଶେଖରଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ

● ଶ୍ରୀ ବାଳକୃଷ୍ଣ ଦାଶ

ସାମନ୍ତ ଚନ୍ଦ୍ରଶେଖରଙ୍କର ଶ୍ରୀ ଜଗନ୍ନାଥଙ୍କ ପ୍ରତି ଯେଉଁ ପ୍ରଗାଢ଼ ବିଶ୍ୱାସ ଏବଂ ତାଙ୍କ ପ୍ରଣୀତ 'ସିଦ୍ଧାନ୍ତ ଦର୍ପଣ'ର ପ୍ରତ୍ୟେକ ପ୍ରକାଶ ବା ଛନ୍ଦରେ ଯେପରି ଏହା ପ୍ରତିଫଳିତ, ସେ ସମ୍ବନ୍ଧେ ଆଲୋଚନା କରିବା ପୂର୍ବରୁ ସାମନ୍ତଙ୍କ ଜୀବନୀ ସମ୍ବନ୍ଧେ ସମ୍ୟକ୍ ଦୃଷ୍ଟିପାତ କରିବା ନିତାନ୍ତ ଆବଶ୍ୟକ । ବଘେଲ୍ ବଂଶୀୟ ବୈରାଗୀ ଭ୍ରମରବର ମର୍ଦ୍ଦରାଜଙ୍କ ତୃତୀୟ ପୀଢ଼ି (ନାତି) ନୃସିଂହ ମର୍ଦ୍ଦରାଜ । ସେ ଯେପରି ପ୍ରତାପୀ ଥିଲେ, ସେହିପରି ଭଗବତ୍ ବିଶ୍ୱାସୀ ଓ ପ୍ରଜାବତ୍ସଳ ମଧ ଥିଲେ । ନୃସିଂହଙ୍କ ଷଷ୍ଠ ପୁତ୍ର ଶ୍ୟାମବନ୍ଧୁ ଜ୍ୟୋତିଷ ଶାସ୍ତ୍ର ବିଶାରଦ ଓ ଭଗବତ୍ ବିଶ୍ୱାସୀ ଥିଲେ । ତାଙ୍କ ପତ୍ନୀ ବିଷ୍ଣୁମାଳୀ ଅତ୍ୟନ୍ତ ଧର୍ମପରାୟଣା ଓ ପରଦୁଃଖକାତରା ରମଣୀ ଥିଲେ । ସାମନ୍ତଙ୍କ ଜନ୍ମପୂର୍ବରୁ ଉଭୟଙ୍କର ବହୁ ସନ୍ତାନ ନଷ୍ଟ ହୋଇଥିବାରୁ ଉଭୟେ ବହୁ ବ୍ରତ, ଉପବାସ ଓ ଈଶ୍ୱରରାଧନା ପରେ ମହାଦେବ (ଚନ୍ଦ୍ରଶେଖର)ଙ୍କ କୃପାରୁ ସାମନ୍ତଙ୍କୁ ପାଇଥିବାରୁ ତାଙ୍କ ନାମ 'ଚନ୍ଦ୍ରଶେଖର' ରଖିଥିଲେ । କିନ୍ତୁ ତାହା ସହିତ ଯମ ଖଣ୍ଡିଆ ନାମ ପଠାଣି ମଧ ରଖିଥିଲେ । ସାମନ୍ତ ଚନ୍ଦ୍ରଶେଖର ଏହି ପଠାଣି ସାମନ୍ତ ନାମରେ ବିଶ୍ୱପ୍ରସିଦ୍ଧ ହେଲେ । ତେଣୁ ଏପରି ଭଗବତ୍ ପ୍ରେମୀ ପିତା-ମାତାଙ୍କ ଠାରୁ ଜନ୍ମ ନେଇଥିବା ପୁତ୍ର 'ପଠାଣି' କିପରି ବା ଭଗବତ୍ ବିଶ୍ୱାସୀ ନ ହେବେ ? ବାଲ୍ୟାବସ୍ଥାରୁ ନାନାଦି ଧର୍ମକର୍ମ ସାଧନ 'ସାମନ୍ତ'ଙ୍କ ଜୀବନରେ ଧର୍ମଭାବନା ଜାତ କରିବା ସହ ଅଶେଷ ଧୈର୍ଯ୍ୟ ସହକାରେ କର୍ମାନୁଷ୍ଠାନ କରିବାର ପ୍ରେରଣା ଦେଇଥିଲା ଏବଂ ଏହି ହେତୁ ସେତେବେଳର ବଣ-ଜଙ୍ଗଲ ଘେରା ଖଣ୍ଡପଡ଼ା ଗଡ଼ଜାତ ରାଜ୍ୟରୁ ବିଶ୍ୱ-ପ୍ରସିଦ୍ଧ ଗ୍ରନ୍ଥ 'ସିଦ୍ଧାନ୍ତ-ଦର୍ପଣ' ପ୍ରକାଶିତ ହୋଇଥିଲା ସ୍ନ ୧୮୯୨ ମସିହାରେ ।

'ସିଦ୍ଧାନ୍ତ-ଦର୍ପଣ' ଗ୍ରନ୍ଥ ରଚନା ପାଇଁ ସାମନ୍ତଙ୍କୁ ସେତେବେଳର ପାରିପାର୍ଶ୍ୱିକ ଅବସ୍ଥା, ଅଭାବ, ଅନାଟନ ଓ ସ୍ନ ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ଏକ ପ୍ରକାର ବାଧ କରିଥିଲା । ନଅଙ୍କ ଦୁର୍ଭିକ୍ଷରେ ଖଣ୍ଡପଡ଼ା ଭଳି ଏକ କ୍ଷୁଦ୍ର ରାଜ୍ୟର ପ୍ରଜାଗଣଙ୍କ ଦୁଃଖଦୁର୍ଦ୍ଦଶା ତାଙ୍କ ହୃଦୟକୁ ଉଦ୍ବେଳିତ କରି ପକାଇଥିଲା । ତାଙ୍କର ଉଦ୍ଦେଶ୍ୟ ଥିଲା - ଲୋକେ ଏହି ଭୟାବହ ତାଣ୍ଡବର ସୂଚନା ଆଗରୁ ପାଇଥିଲେ ଅନ୍ତତଃ କିଛି ସାବଧାନ ହୋଇ ପାରିଥାନ୍ତେ । ସେତେବେଳର କୌଣସି ପଞ୍ଜିକାରେ ଦୁର୍ଭିକ୍ଷ ସମ୍ବନ୍ଧରେ କୌଣସି ଆଭାସ ନଥିଲା । ଗ୍ରହନକ୍ଷତ୍ର ଚଳନର ଗଣିତ ପ୍ରତ୍ୟକ୍ଷ ହେଉନଥିବାରୁ କୌଣସି ସୂଚନା ମିଳୁନଥିଲା ଏବଂ ପଞ୍ଜିକା କଥିତ ଦିନମାନଙ୍କରେ ଗ୍ରହଣ-ପରାଗାଦି ସଂଘଟିତ ହେଉ ନଥିଲା । ଏ ସବୁ ବିଷୟ ତାଙ୍କୁ ଜ୍ୟୋତିଃଶାସ୍ତ୍ର ଗବେଷଣା ପାଇ ପ୍ରେରଣା ଦେଲା । ସେ ସେତେବେଳେ ଉପଲବ୍ଧ ହେଉଥିବା ସିଦ୍ଧାନ୍ତ ସରଣୀ (ସୂତ୍ର)ରେ ଗୋଟି ଗୋଟି କରି ଗ୍ରହ ସାଧିବାକୁ ଲାଗିଲେ ଏବଂ ପୂର୍ବ ଗଣନା ସମୂହ ତ୍ରୁଟିପୂର୍ଣ୍ଣ ଥିବାର ଦେଖିବାକୁ ପାଇଲେ । ତେଣୁ ସେ ନୂତନ-ସରଣୀ ଆବିଷ୍କାର କରିବାକୁ କୃତସଂକଳ୍ପ ହେଲେ । ଏପରି ସାଧନା ଓ ଚିନ୍ତା ମଧରେ ତିନିବର୍ଷ ଗତ ହେଲା । ସ୍ନ ୧୮୬୦ ମସିହାରେ ତାଙ୍କୁ ୩୪ବର୍ଷ ବୟସ ହୋଇଥିବା ବେଳେ ସେ ଏହି କାମ ବିଧିବଦ୍ଧଭାବେ ଆରମ୍ଭ କଲେ । ତେଇଶି ବର୍ଷ ଧରି ସାଧନାରତ ରହି ସ୍ନ୧୮୯୨ ମସିହାରେ ସେ ଏକ ସିଦ୍ଧାନ୍ତରେ ଉପନୀତ ହେଲେ ଏବଂ ତାଙ୍କ ରଚନାବଳିର ନାମ 'ସିଦ୍ଧାନ୍ତ-ଦର୍ପଣ' ରଖିଲେ ।

ସିଦ୍ଧାନ୍ତ-ଦର୍ପଣରେ ପ୍ରତ୍ୟେକ ପ୍ରକାଶ ଓ ମଙ୍ଗଳାଚରଣରେ ସାମନ୍ତ ଭଗବତ୍ ପ୍ରେରଣାରେ ଏହି ଗ୍ରନ୍ଥ ସମାହିତ କରିବାକୁ ସକ୍ଷମ ହୋଇଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ମଙ୍ଗଳାଚରଣରେ ସେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ସ୍ତୁତି ପ୍ରଣିଧାନ ଯୋଗ୍ୟ :-

**ଶ୍ରୀଭୂମାଧବଚକ୍ରଚକ୍ର୍ୟବନିଭୃଦ୍ଭଦ୍ରାଭିରଭ୍ୟୁଜ୍ଜ୍ୱଳଂ -**
**ଶ୍ରୀକଣ୍ଠପ୍ରମୁଖାଖିଳାମରଶିଖାକୁଷ୍ଟାଗ୍ନିଂପୀଠୋପଳମ୍ ।**
**ଶ୍ରୀନୀଳାଚଳମୌଳିମଣ୍ଡନମହାନୀଳାୟମାନଂ ମହଃ**
**ଶ୍ରୀଭୂମାଧରିତସ୍ମରଂ ଭବତୁ ନଃ ପ୍ରତ୍ୟୁହ ହତ୍ୟୁଦ୍ୟତମ୍ ।।**

(ସି :ଦ :ପ୍ର :ପ୍ର :/ ୧ଶ୍ଳୋ)

ଯେଉଁ ଚକ୍ରୀ (ଶ୍ରୀଜଗନ୍ନଥ), ଶ୍ରୀ(ଲକ୍ଷ୍ମୀ), ଭୁ(ଭୁଦେବୀ), ଚକ୍ର(ସୁଦର୍ଶନ), ଅବନୀଭୃତ୍ (ଶେଷଦେବ-ବଳଭଦ୍ର), ଭଦ୍ରା (ସୁଭଦ୍ରା), ମାଧବ (ନୀଳ-ମାଧବ)ଙ୍କ ଦ୍ୱାରା ପରିବେଷ୍ଟିତ; ଯାହାଙ୍କର ଅତ୍ୟୁଜ୍ଜ୍ୱଳ ଅଗ୍ନିଂପୀଠ (ରତ୍ନ ସିଂହାସନ)କୁ ଶ୍ରୀକଣ୍ଠ (ଶିବ) ପ୍ରମୁଖ ଦେବଗଣ ମୁଣ୍ଡ ଲଗାଇ ପ୍ରଣାମ କରନ୍ତି; ଯାହାଙ୍କର ସୌନ୍ଦର୍ଯ୍ୟର ତେଜ କନ୍ଦର୍ପକୁ ମଧ ତିରସ୍କାର କରେ (ଅଧରିତ ସ୍ମରଂ); ସେହି ନୀଳାଚଳମୌଳିମଣ୍ଡନ (ନୀଳପର୍ବତ ଶିଖାଗ୍ର ମଣ୍ଡନକାରୀ) ମହାନୀଳାୟମାନ ମହଃ ନବଘନ କାନ୍ତିଯୁକ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ୍ଭମାନଙ୍କର ସମସ୍ତ ବିଘ୍ନ ବିନାଶ କରିବା ନିମନ୍ତେ ସର୍ବଦା ଜାଗ୍ରତ ରୁହନ୍ତୁ; ଅର୍ଥାତ୍ ସମସ୍ତ ବିଘ୍ନ ନାଶ କରନ୍ତୁ ।

ଉପରୋକ୍ତ ଶ୍ଳୋକ ପଂକ୍ତିରୁ ସାମନ୍ତେ କିପରି ଜଗନ୍ନାଥ ପ୍ରେମୀ ଥିଲେ, ତାହା ଅନୁମେୟ । ସେ ନିଜକୁ ଅତିହେୟ, ଅଧମ ଓ ଅଜ୍ଞ ମନେ କରି ଅତି ବିନୟରେ ଲେଖିଛନ୍ତି :- ମୋର ବୁଦ୍ଧି ଦୈବାଧୀନ ଥିବାରୁ ମୁଁ ଭଗବତ୍ ଭଜନରେ ତାକୁ ନିୟୋଜିତ

କଲାବେଳେ ସେଇ ଭଗବାନ୍ ଶ୍ରୀଜଗନ୍ନାଥ ଭଜନ ଓ ଜପରୁ ଟାଣି ଆଣି ଗଣିତ ବଜାର (ହାଟ)ରେ ଗଡ଼ଗଡ଼ାଉଛନ୍ତି । ସେହି ପତିତପାବନ ଲକ୍ଷ୍ମୀକାନ୍ତ ଜଗନ୍ନାଥ ହିଁ ମୋର ଏକମାତ୍ର ଶରଣ । ମୁଁ ନିଜ ବୁଦ୍ଧିରେ କିଛି କରୁନାହିଁ ।

**ଯସ୍ୟେଚ୍ଛା ମେ ନିଜଭଜନତୋ ଦୂରମୁତ୍ସାର୍ଯ୍ୟ ବୁଦ୍ଧିଂ**
**ଦୈବାଧୀନାଂ ଗଣିତବିପଣୌ ପାତୟତ୍ୟାତତାୟମ୍ ।**
**ସଂଖ୍ୟାତୀତାନୁଗତପତିତୋଦ୍ଧାରକାରୁଣ୍ୟସିନ୍ଧୁଃ ।**
**ଶସ୍ୟାଚ୍ଛେତଃଶରଣଚରଣଃ ସିନ୍ଧୁଜାପ୍ରାଣବନ୍ଧୁଃ ।।**

(ସି:ଦ:୧୫ଶ ପ୍ର:/୭୧)

ଅର୍ଥାତ୍ ମୁଁ ସର୍ବଦା ବିଷ୍ଣୁନାମ ଜପ, ଭଜନ ଓ ଜପରୁ ଟାଣିଆଣି ବୁଦ୍ଧିକୁ ବିସ୍ତୃତ ଗଣିତ ବଜାରରେ ଠେଲିପେଲି ପୂରାଇ ଦେଇଛି, ଏବଂ ଏହି ବୁଦ୍ଧି ଦୈବାଧୀନ ହୋଇ କାର୍ଯ୍ୟ କରୁଛି ଏବଂ ସେହି କୃପାସିନ୍ଧୁ ସମୁଦ୍ରତନୟା ଲକ୍ଷ୍ମୀଙ୍କ ପ୍ରାଣବନ୍ଧୁ ଶ୍ରୀଜଗନ୍ନାଥଙ୍କର ଚରଣ ଯୁଗଳ ମୋର ଏହି ବୁଦ୍ଧିର ଆଶ୍ରୟ ସ୍ଥଳ ହେଉ । କାରଣ, ସେହି ପ୍ରଭୁ ଜଗନ୍ନାଥ ଅସଂଖ୍ୟ ଅନୁଗତ ପତିତମାନଙ୍କୁ ଉଦ୍ଧାର କରିବାରେ ଦୟାର ସିନ୍ଧୁ ସଦୃଶ ।

ପୁନର୍ଜନ୍ମ ବିଶ୍ୱାସୀ ହିନ୍ଦୁ ମନେ କରେ ଯେ, କର୍ମର ଫଳ ନିଶ୍ଚୟ ଭୋଗ କରିବାକୁ ପଡ଼ିଥାଏ । 'ନ ହି କର୍ମାଣି କ୍ଷୀୟନ୍ତେ କଳ୍ପକୋଟିଶତୈରପି' । 'କର୍ମଣାଂ ଭୋଗାଦେବ କ୍ଷୟଃ' । କର୍ମଫଳ ଶେଷ ହେବା ପର୍ଯ୍ୟନ୍ତ ତାକୁ ନାନା ଯୋନିରେ ଜନ୍ମ ନେବାକୁ ହୁଏ । ପୂର୍ବଜନ୍ମର ଫଳ ଭୋଗ କରିବା ଅବସ୍ଥାରେ ତାକୁ ନୂତନ କର୍ମ କରିବାକୁ ମଧ୍ୟ ପଡ଼ିଥାଏ । ତାହାର ପୁଣି ଫଳ ଅଛି । ଏପରି ଭାବେ ତା'ର ଆଉ ମୁକ୍ତି ହୋଇ ନ ଥାଏ । କେତେକ କର୍ମର ଫଳ ତାକୁ ତତ୍କାଳରେ ମିଳିଥାଏ । ତେଣୁ ଶାସ୍ତ୍ରକାରମାନେ କହିଛନ୍ତି - 'ଅତ୍ୟୁଲତୈଃ ପାପପୁଣ୍ୟୈରିହୈବ ଫଳମଶ୍ନୁତେ' । ବିଶେଷ ଭାବେ ସେ ଅକ୍ରିୟା ହିଁ କରିଥାଏ । କାରଣ ଭଲକାମ ନିମନ୍ତେ ପରିଶ୍ରମ ଓ ସାଧନା ଦରକାର । ଅକ୍ରିୟାରେ ଲୋକ 'ପତିତ' ହେବାକୁ ବାଧ୍ୟ ଏବଂ ତାର ସାମାନ୍ୟ ଜ୍ଞାନ ଉଦୟ ହେଲେ ସେ ତାର 'ପାତିତ୍ୟ' ହଟାଇବାକୁ ଯତ୍ନ କରିଥାଏ । ଏଣୁ ଜ୍ଞାନୀମାନେ ନିଜକୁ ପତିତ ବୋଲି ଧରି ନେଇ ନିଜର ଉଦ୍ଧାର ନିମନ୍ତେ 'ପତିତପାବନ'ଙ୍କୁ ଖୋଜି ବୁଲନ୍ତି । ଶ୍ରୀଜଗନ୍ନାଥ ପତିତପାବନ ଓ ପଲକମାତ୍ରେ ପତିତ ଜନଙ୍କୁ ଉଦ୍ଧାର କରିଥାନ୍ତି । ତେଣୁ ବହୁ ହିନ୍ଦୁ କବି ଓ ପଣ୍ଡିତ ଶ୍ରୀଜଗନ୍ନାଥଙ୍କୁ ପତିତପାବନ ହିସାବରେ ଗ୍ରହଣ କରି ତାଙ୍କରି ଉଦ୍ଦେଶ୍ୟରେ ନାନା ଭଜନ, ଛାନ୍ଦ, ଚୌପଦୀ ଆଦି ରଚନା କରି ଯାଇଛନ୍ତି । ଏପରିକି ମୁସଲ୍‌ମାନ କବି ସାଲବେଗ, କବୀର ଏବଂ ଶିଖ୍‌ଗୁରୁ ନାନକ ଆଦି ପ୍ରଭୁଙ୍କୁ ପତିତପାବନ ବୋଲି ଗ୍ରହଣ କରି ତାଙ୍କରି ଉଦ୍ଦେଶ୍ୟରେ ବହୁ ଭଜନ, ବନ୍ଦନାଦି ରଚନା କରି ଯାଇଛନ୍ତି । ତେଣୁ ସାମନ୍ତ ଚନ୍ଦ୍ରଶେଖର ନିଜକୁ ପତିତ ବୋଲି ଧରି ନେଇ ପତିତପାବନ ଶ୍ରୀଜଗନ୍ନାଥଙ୍କ ଶରଣାପନ୍ନ ହୋଇଥିବା ତାଙ୍କର ସମସ୍ତ ସ୍ତୁତିରୁ ଜଣାଯାଏ ।

**ପତିତାନାଂ ସଂବ୍ୟୁଦସ୍ୟତୁ ତମଃ ପଟଳଂ ନଃ**

(ସି.ଦ.୧୧ଶ.ପ୍ର./୧୧୧)

**ପତିତୋଦ୍ଧାର କାରୁଣ୍ୟ ସିନ୍ଧୁ**

(ସି.ଦ. ୧୫ ପ୍ର: / ୭୧)

**ପତିତତତିସମୁଦ୍ଧାରଶୋନ୍ନର୍ଦ୍ଧବାହୁ**

(ସି.ଦ. ୨୪ ପ୍ର:/୧୫୪)

**ପୁନନ୍ତି ପତିତାନ୍ ତଥ୍ ସ୍ୱତନୁ ମାରୁତୌର୍ମା ଦୃଶୋ**

(ସିଦ: ୨୦/୧୧୨)

**ଅଧମଜନାନୁଦ୍ଧର୍ତ୍ତୁକାମଃ ସ୍ଫୁଟମ୍ ।**

(ସି.ଦି. ୧ ପ୍ର: ୫୫)

ଉପରୋକ୍ତ ଉଦ୍ଧୃତାଂଶମାନଙ୍କରୁ ସାମନ୍ତଙ୍କ ଚିନ୍ତାଧାରାର ବାସ୍ତବିକତା ପରିସ୍ଫୁଟ ହୋଇଥାଏ । ବିନୟୀ ସାମନ୍ତଙ୍କ ଜୀବନୀ ପାଠ କଲେ ଜଣାଯାଏ ସେ କେତେଦୂର ନୈଷ୍ଠିକ ଓ ହୃଦୟବାନ୍ ଥିଲେ । ଏପରିକି ଛୋଟ ଛୋଟ ବ୍ରାହ୍ମଣ ପିଲା ତାଙ୍କ ଘରକୁ ବୁଲିଗଲେ, ସେ ସେମାନଙ୍କୁ ପ୍ରଣାମ କରୁଥିଲେ । ସେମାନେ ଆଶୀର୍ବାଦ ଶ୍ଳୋକ ଜାଣି ନଥିବାରୁ ସେମାନଙ୍କୁ ଆଶୀର୍ବାଦ ଶ୍ଳୋକ ପଢ଼ାଇ ସେହି ସବୁ ଶ୍ଳୋକ ମୁଖସ୍ଥ କରି ଆଶୀର୍ବାଦ କରିବାକୁ ପରାମର୍ଶ ଦେଉଥିଲେ । ଥରେ ସାମନ୍ତେ ଅଙ୍କ କଷି କଷି ବିରକ୍ତ ହୋଇ ତାଙ୍କ ପୁତ୍ର କବି, ସଂଗୀତଜ୍ଞ ଓ ଗଣକ ଗଦାଧରଙ୍କୁ କହିଲେ, 'ବାବା ! ଲାବଣ୍ୟବତୀରୁ ଗୋଟିଏ ରସରସିଆ ଛାନ୍ଦ ଗାଇ ଅର୍ଥକରି ମୋତେ ବୁଝାଅ ।'

ଗଦାଧର 'ଚେତି ଚାତୁରୀ ଚାହିଁଲା ନିଶିନାଶେ ପାଶେ ନାହିଁ ଦିବ୍ୟ ତରୁଣ...' ଛନ୍ଦଟି ଗାଇ ଅର୍ଥ କଲେ । ତାଙ୍କର ସ୍ୱରର ଝଙ୍କାର ଅତି ମଞ୍ଜୁଳ ଥିଲା । ସ୍ୱର, ଗୀତ ଓ ଅର୍ଥ ଶୁଣିବାକୁ ପାଖ ଆଖ ଘରର ଝିଅ ବୋହୂମାନେ ସେଠାରେ ରୁଣ୍ଡ ହେଲେ । ସାମନ୍ତଙ୍କ ଝିଅବୋହୂ ମାନେ ସେଥିରୁ ବା ବାଦ୍ କିପରି ଯାଆନ୍ତେ । ସେମାନେ ଆସି ଗୀତ ଶୁଣିଲେ ଓ ଅର୍ଥ ବୁଝିଲେ । ଗୀତ ସରିବା ପରେ ଝିଅ-ବୋହୂମାନଙ୍କୁ ଦେଖି ସାମନ୍ତେ ନିଜକୁ ଅପରାଧୀ ଓ ପତିତ ମନେକଲେ । ତାଙ୍କୁ ଏ ପାତିତ୍ୟରୁ ଉଦ୍ଧାର କରିବା ପାଇଁ ସେ ସ୍ଥାନୀୟ ବ୍ରାହ୍ମଣ ପଣ୍ଡିତମାନଙ୍କୁ ନିବେଦନ କଲେ । ସ୍ଥିର ହେଲା ଯେ, ସେ ଲକ୍ଷେ ଗାୟତ୍ରୀମନ୍ତ୍ର ଜପ କରିବେ ଏବଂ ୧୦୮ ମୂର୍ତ୍ତି ବ୍ରାହ୍ମଣ ଭୋଜନ କରାଇବେ । ଦୁଇମାସ କାଳ ଲାଗି ଏସବୁ କରିବା ପରେ ମଧ୍ୟ ତାଙ୍କ ମନରେ ପବିତ୍ରତା ନ ଆସିବାରୁ ସେ ପତିତପାବନ ଶ୍ରୀଜଗନ୍ନାଥଙ୍କୁ ନିଜର ପାତିତ୍ୟ ଉଦ୍ଧାର ପାଇଁ ସ୍ତୁତି କରିବାକୁ ଲାଗିଲେ । ଉପରୋକ୍ତ ଶ୍ଳୋକାଂଶ (ଉଦ୍ଧୃତାଂଶ) ଗୁଡ଼ିକ ସେହି ସବୁ ସ୍ତୁତି ମଧ୍ୟରୁ ଅନ୍ୟତମ ଓ ତାହା ସିଦ୍ଧାନ୍ତ ଦର୍ପଣର ବିଭିନ୍ନ ପ୍ରକାଶ ମଧ୍ୟରେ ସ୍ଥାନ ପାଇଛି ।

ସାମନ୍ତ ଏକାଧାରରେ ବୈଜ୍ଞାନିକ, ଗଣିତଜ୍ଞ, ସଂଗୀତଜ୍ଞ, ସଂସ୍କୃତଜ୍ଞ, କବି ଓ ଦାର୍ଶନିକ ଥିଲେ । ତାଙ୍କ ସ୍ତୁତି କବିତାର ଧାରା କେଉଁ ଗୁଣରେ ମହାକବି କାଳିଦାସ, ମାଘ, ଶ୍ରୀହର୍ଷ ଇତ୍ୟାଦିଙ୍କ ଠାରୁ ନ୍ୟୂନ ନୁହେଁ । କାଳିଦାସ ମେଘଦୂତରେ ମେଘର ଉତ୍ପତ୍ତି ଦେଖାଇବାକୁ ଯାଇ ଲେଖିଛନ୍ତି-

**ଧୂମଜ୍ୟୋତିଃସଲିଳମରୁତାଂ ସନ୍ନିପାତଃ କ୍ୱମେଘଃ ।**

ସାମନ୍ତେ ମଧ୍ୟ ମେଘ କିପରି ହୁଏ, ତାହା ଦେଖାଇବାକୁ ଯାଇ

ଲେଖିଛନ୍ତି -

**ଚଣ୍ଡାଂଶୁସଂତପ୍ତଧରୋଷ୍ମତାଢେ**
**ରୁତ୍‌ଥାୟ ବାଷ୍ପାଣି ଘନାନି ଧୂମୈଃ ।**
**ପୃକ୍ତାନି ମେଘାଃ ପ୍ରଭବନ୍ତ ଚେଦ୍ଧ,**
**ଜ୍ୟୋତିର୍ମରୁଦ୍ଧୂମକସନ୍ନିପାତାତ୍ ।**

**(ସି:ଦ: ୨୧ ଶ:ପ୍ର:/ ୨୨୨/୨୨୭)**

'ଗ୍ରୀଷ୍ମକାଳରେ ପ୍ରଖର ସୂର୍ଯ୍ୟ କିରଣରେ ଧରଣୀ ଉତ୍ତପ୍ତ ହେଲେ ନଦୀ, ନାଳ, ପୁଷ୍କରିଣୀ, ସମୁଦ୍ର ଆଦିର ଜଳ ବାଷ୍ପ ବା ଧୂଆଁ ରୂପରେ ଉଠି ଶୀତଳ ବାୟୁ ସଂସ୍ପର୍ଶରେ ଆସି ମେଘ ସୃଷ୍ଟି ହୋଇଥାଏ । ସାମନ୍ତେ ମଧ ଓଡ଼ିଶାର କବିମାନଙ୍କ ରଚନାରେ ଅନୁପ୍ରାଣିତ ହୋଇଥିବାର ପ୍ରମାଣ ସିଦ୍ଧାନ୍ତ ଦର୍ପଣରୁ ମିଳିଥାଏ । ଥରେ ଜଣେ ରସିକ ଗାୟକ ତାଙ୍କୁ ଶ୍ରୀକୃଷ୍ଣଙ୍କ କଳା ରୂପର ବର୍ଣ୍ଣନା ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ବିଦଗ୍ଧ ଚିନ୍ତାମଣିରୁ ଶୁଣାଇଥିଲେ -

'କଳା କଞ୍ଜ ଦଳା ଅଞ୍ଜନ ମର୍କତ ଇନ୍ଦ୍ର ନୀଳମଣି ଘନ' । ଏବଂ ତାଙ୍କୁ ଶ୍ରୀକୃଷ୍ଣରୂପୀ ଶ୍ରୀଜଗନ୍ନାଥଙ୍କ କଳା ରୂପର ଏପରି ବର୍ଣ୍ଣନା ଥିବା ଗୋଟିଏ ଶ୍ଳୋକ କରିବାକୁ କହିବାରୁ ସାମନ୍ତେ ତତ୍‌କ୍ଷଣାତ୍ ଗାଇ ଉଠିଲେ :-

**ନୀଳାରବିନ୍ଦସୁମିଳିନ୍ଦ କଳିନ୍ଦଜେନ୍ଦ୍ର-**
**ନୀଳାମ୍ବୁଦାଳିଦଳିତାଞ୍ଜନମୁଞ୍ଜମଞ୍ଜୁମ୍ ।**
**ନୀଳାଚଳାଧରଶିରୋମୁକୁଟାୟମାନଂ**
**ନୀଳାମ୍ବରାନୁଜମଜଂ ଶରଣଂ ବ୍ରଜାମଃ ।**

**(ସି.ଦ. ୧୮ଶ.ପ. ୧୭୬ ଶ୍ଳୋ)**

ଅଭିମନ୍ୟୁ ଚାରିଗୋଟି କଳାଦ୍ରବ୍ୟର ଉପମା ଦେଇଥିବା ବେଳେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ଶ୍ଳୋକ ପଂକ୍ତିରେ ସାମନ୍ତେ ଛଅଗୋଟି କଳାଦ୍ରବ୍ୟର ଉପମା 'ନୀଳା' ଶବ୍ଦ ଉପଯୋଗ କରି ପାରିଛନ୍ତି । ଶ୍ଳୋକଟିର ଅର୍ଥ ନିମ୍ନରେ ପ୍ରଦତ୍ତ ହେଲା -

ମିଶ୍ରିତ ନୀଳକମଳ, ଶ୍ରେଷ୍ଠଭ୍ରମର, ଯମୁନା ନଦୀର ଜଳ, ଇନ୍ଦ୍ରନୀଳମଣି, ମେଘପଟଳ, ଦଳିତାଞ୍ଜନ (ଚିକ୍କଣ କଳା) ପରି ସୁନ୍ଦର, ନୀଳଗିରି ମସ୍ତକୋପରି ମୁକୁଟ ସଦୃଶ ଶୋଭିତ ଶ୍ରୀବଳଦେବାନୁଜ, ନିତ୍ୟ, ଶାଶ୍ୱତ, ଦାରୁବ୍ରହ୍ମରୂପୀ ଶ୍ରୀଜଗନ୍ନାଥଙ୍କଠାରେ ଆମେମାନେ ଶରଣାପନ୍ନ ହେଉଅଛୁଁ ।

ଆଉଜଣେ ସାହିତ୍ୟ ପ୍ରେମୀ କବିସୂର୍ଯ୍ୟଙ୍କ କିଶୋର ଚନ୍ଦ୍ରାନନ ଚମ୍ପୁରେ ''ଟ'' ଅନୁପ୍ରାସର ବ୍ୟବହାରାନୁଯାୟୀ ସେହି ଅନୁରୂପ ଶ୍ଳୋକ ରଚନା କରିବାକୁ ଅନୁରୋଧ କରିଥିଲେ । ସାମନ୍ତେ ତତ୍‌କ୍ଷଣାତ୍ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଶ୍ଳୋକଟିଏ ରଚନା କରିଦେଇଥିଲେ ।

**ପଟାପଟ୍ଟରୁଚୀକୃତପ୍ରକଟହାଟକଶ୍ରୀଜର୍ଗତ୍**
**କଟାହଘଟନାସ୍ଫୁଟୋ କୂଟକଟାକ୍ଷପାତକ୍ରମଃ**
**ବଟଦ୍ରୁମତଟୋଦ୍ଭଟଦ୍ୟୁତିରନିଷ୍ଟକୂଟାଟବୀଂ**
**ଫଟାଧରଫଟାଚ୍ଛଟାନଟାନପାଟବୀ ପାଟୟେତ୍**

**(ସି.ଦ. ୧୨ପ୍ର. ୯୩ ଶ୍ଳୋ.)**

କବିସୂର୍ଯ୍ୟ 'ଟ' ଅନୁପ୍ରାସ ତିନିଥର ପ୍ରୟୋଗ କରିଥିବା ସମୟରେ ସାମନ୍ତେ ୨୦ଥର 'ଟ' ଅନୁପ୍ରାସ ଦେଇ ଶ୍ଳୋକଟି ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି ଏବଂ ନିଜକୁ ସିଦ୍ଧହସ୍ତ କବି, ଭାବୁକ ଓ ଲେଖକ ବୋଲି ପ୍ରମାଣିତ କରିଛନ୍ତି । ଶ୍ଳୋକଟିର ଅର୍ଥ ଏହିପରି :-

ପରିହିତ ପୀତବସ୍ତ୍ର (ହଳଦିଆ ବସ୍ତ୍ର) ଦ୍ୱାରା ଯେ ଶୁଦ୍ଧ ସୁବର୍ଣ୍ଣକୁ ତିରସ୍କୃତ କରନ୍ତି, ବ୍ରହ୍ମାଣ୍ଡରୂପକ (ଜଗତ୍-କଟାହ) କଡ଼େଇର ଯଥାଯଥ ରଚନାରେ ଯେ ବରାବର ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପ କରନ୍ତି; ଯେ ଫଣୀ କାଳୀୟର ଫଣାଉପରେ ନୃତ୍ୟର ପଟୁତା ଦେଖାଇଛନ୍ତି (କୂଟକଟାକ୍ଷ ପାତକ୍ରମଃ) ଏବଂ ଯେ କଳ୍ପବଟ ନିକଟରେ ରହି ନିଜର ମହାଦ୍ୟୁତି ଦେଖାଉଛନ୍ତି; ସେହି ମହାପ୍ରଭୁ ଶ୍ରୀଜଗନ୍ନାଥ ଅନିଷ୍ଟ ସମୂହ - ବନକୁ ନାଶ କରନ୍ତୁ (ଉପୁଡ଼ାଇ ଦିଅନ୍ତୁ - ପାଟୟେତ୍) ।

ସେହିପରି 'ମ୍ବ' ଅନୁପ୍ରାସ ବ୍ୟବହାର କରି ନିମ୍ନୋକ୍ତ ଶ୍ଳୋକ ପଂକ୍ତି ରଚନା କରିଛନ୍ତି ।

**ଅମ୍ବୁଦାବଳିବିଡ଼ମ୍ବିତତନୁ**
**ଶ୍ରୀରମ୍ବୁରାଶିତଟବିସ୍ଫୁଟଧାମା**
**କମ୍ବୁପତ୍ତନପତିଃ ପତିତାନାଂ**
**ସମ୍ଭ୍ୟୁଦସ୍ୟତୁ ତମଃ ପଟଳଂ ନଃ ।**

**(ସି.ଦ. ୧୧ ଶ.ପ୍ର. ୧୧୧ଶ୍ଳୋ)**

ନୀଳ ଜଳଧର କାନ୍ତିକୁ ଯିଏ ନିଜ କାନ୍ତିଦ୍ୱାରା ତିରସ୍କାର କରିଥାନ୍ତି, (ଅମ୍ବୁଦାବଳି ବିଡ଼ମ୍ବିତତନୁ), ଯିଏ ସାଗର ତଟରେ ବାସ କରନ୍ତି (ଶ୍ରୀରମ୍ବୁରାଶିତଟ), ଯିଏ କମ୍ବୁପତ୍ତନ ପତି - ଶଙ୍ଖକ୍ଷେତ୍ରାଧୀଶ୍ୱର, ସେହି ମହାପ୍ରଭୁ ଶ୍ରୀଜଗନ୍ନାଥ ଆମମାନଙ୍କ ପରି ପତିତମାନଙ୍କର (ତମଃ ପଟଳଂ) ଅଜ୍ଞାନ ଅନ୍ଧକାର ସମୂହକୁ ନଷ୍ଟ କରନ୍ତୁ ।

ସାମନ୍ତଙ୍କ ସିଦ୍ଧାନ୍ତ ଦର୍ପଣର ତ୍ରୟୋବିଂଶ ପ୍ରକାଶ କେବଳ ଶ୍ରୀଜଗନ୍ନାଥରୂପୀ ମହାବିଷ୍ଣୁଙ୍କର ଗୁଣଗାନ ଓ ଦଶାବତାର ବର୍ଣ୍ଣନା ତଥା ସ୍ତୁତିରେ ପରିପୂର୍ଣ୍ଣ । ସେଥିମଧ୍ୟରୁ ଗୋଟିଏ ଦୁଇଟି ଶ୍ଳୋକପଂକ୍ତିର ଉଦ୍ଧୃତି ଦେଇ ସାମନ୍ତଙ୍କ ଶ୍ରୀଜଗନ୍ନାଥଙ୍କ ପ୍ରତି ପ୍ରେମ-ଭକ୍ତିର ପରାକାଷ୍ଠା ଦର୍ଶାଇବାକୁ ଚେଷ୍ଟା କରାଗଲା ।

**ବନ୍ଦେ ବନ୍ଦାରୁବୃନ୍ଦାରକନିକରଶିଖାରତ୍ନନକ୍ଷତ୍ରରାଜୀ**
**ରଜ୍ୟାପ୍ରାଦାରବିନ୍ଦସ୍ଫୁଟନଖରବିଧଧ୍ୱସ୍ତଚେତସ୍ତମସ୍କମ୍**
**କୋଟିକ୍ରୀଡ଼ାଣ୍ଡଭାଣ୍ଡପ୍ରକଟଗୁଣଘଟୈଃ ସେବିତଂ ସ୍ୱାବତାଭୈଃ**
**ଶ୍ରୀମଦ୍‌ଗୋବିନ୍ଦମିନ୍ଦୀବରରୁଚିରତନୁମିନ୍ଦିରାନନ୍ଦକଳମ୍ ।୩୦ ।**

**(ସି.ଦ. ୨୩ଶ:ପ୍ର:/୩୦)**

ପ୍ରଣାମ କରୁଥିବା ଦେବବୃନ୍ଦଙ୍କ ଶିଖାରେ ଥିବା ନକ୍ଷତ୍ର ରୂପକ ରତ୍ନ-ସମୂହରେ ଯାହାଙ୍କର ଚରଣ କମଳ ତେଜୋଦୀପ୍ତ ହୋଇଥାଏ; ଯାହାଙ୍କର ତେଜୋଦୀପ୍ତ ନଖ-ସମୂହ ଚନ୍ଦ୍ରପରି ଉଜ୍ଜ୍ୱଳ ହୋଇଥିବାରୁ ଲୋକ ସକଳଙ୍କ ହୃଦୟାନ୍ଧକାର ଦୂର କରିଥାଏ; ଯାହାଙ୍କର କୋଟି ସଂଖ୍ୟକ ବ୍ରହ୍ମାଣ୍ଡ ରୂପକ ହାଣ୍ଡି ଗୁଣଗ୍ରାମ ପ୍ରକାଶ କରୁଛନ୍ତି; ଯାହାଙ୍କର ନୀଳକମଳ-ସଦୃଶ

ମନୋହର ତନୁ ନିଜର ଅବତାରମାନଙ୍କ କର୍ତ୍ତୃକ ମଧ ପରିପୂଜିତ ଏବଂ ଯିଏ ଲକ୍ଷ୍ମୀଙ୍କର ଆନନ୍ଦବର୍ଦ୍ଧନକାରୀ, ସେହି ମହାପ୍ରଭୁ ଗୋବିନ୍ଦ ରୂପୀ ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ କରୁଛି ।

**ଅଘଂଃସଂଘଂ ନୃସିଂହୋ ଭବତୁ ଭବହରୋଽହ୍ଲୟ ସଂହର୍ତ୍ତୁମର୍ହେ**
**ଗର୍ହନ୍ନିର୍ହ୍ଲାଦୃଦୈଃ ପ୍ରଳୟଜଳଧରଧ୍ୟାନଧାରାସମୃଦ୍ଧିମ୍**
**ଅକ୍ଷାନ୍ତ ସ୍ୱୀୟଭକ୍ତାକ୍ଷତିରମରପରାଧ୍ୟକ୍ଷକବାଟ-**
**କ୍ଷୋଭପ୍ରକ୍ଷୟ୍ୟମାଣକ୍ଷତଜଭୃତନଖୋ ଲକ୍ଷ୍ୟଲକ୍ଷ୍ମୀକବକ୍ଷାଃ**

**(ସି.ଦ. ୨୩ଶ.ପ୍ରା / ୩୪ ଶ୍ଳୋ.)**

ଯେଉଁ ପ୍ରଭୁଙ୍କର ଦୈତ୍ୟରାଜ ହିରଣ୍ୟକଶିପୁର କବାଟ ସଦୃଶ ବକ୍ଷକୁ ଚିରିବା ବେଳେ ସେଥିରୁ ନିର୍ଗତ ହେଉଥିବା ରକ୍ତରେ ନଖ ସମୂହ ପୂରି ଉଠୁଥିଲା; ସେହି ସମୟରେ ଯେଉଁ ପ୍ରଭୁଙ୍କ ଗର୍ଜନ ପ୍ରଳୟ କାଳୀନ ମେଘ-ଗର୍ଜନକୁ ତୁଚ୍ଛ କରି ଦେଉଥିଲା; ଯେଉଁ ପ୍ରଭୁଙ୍କ ବକ୍ଷସ୍ଥଳ ମାତା ଲକ୍ଷ୍ମୀଙ୍କ ଦ୍ୱାରା ସୁଶୋଭିତ; ଯିଏ ସଂସାର ଜନ୍ମ-ମୃତ୍ୟୁର ନାଶକ; ସେହି ନୃସିଂହ ରୂପୀ ମହାପ୍ରଭୁ ଶ୍ରୀଜଗନ୍ନାଥ ଶୀଘ୍ର ସଂସାରର ପାପସମୂହ ନାଶ କରନ୍ତୁ ।

**ଉର୍ଜ୍ଜେନ୍ଦୁଜ୍ୟୋତିରୁର୍ଜ୍ଜସ୍ୱଳ ବିମଳହରାହାର୍ଯ୍ୟରୁଗ୍‌ଚୈତ୍ରପାତ୍ରଃ**
**ସଦ୍ୟଃ ପ୍ରୋଦ୍ୟହିନେଶଭ୍ରମଦମଦଭରାଘୁର୍ଣ୍ଣିନାସ୍ତୀର୍ଣ୍ଣନେତ୍ରଃ**
**ପ୍ରତ୍ୟଗ୍ରାମ୍ଭୋଦବୃନ୍ଦପ୍ରତିଭଟପଟଭୃଭୂରିଭାସ୍ୱଦ୍ ବିଭୂଷୋ**
**ଭୂୟା ଭୂଗୋଳଭାରୋ ଭବଭୟଭରଭିରୂଭେଦନୋନଃ**

**(ସି.ଦ. ୨୩ଶ ପ୍ର./୩୮)**

ଯେଉଁ ପ୍ରଭୁଙ୍କର ଗାତ୍ର ଶରତ୍‌କାଳୀନ ଜହ୍ନ (ଉର୍ଜ୍ଜେନ୍ଦୁ) ପରି ଉଜ୍ଜ୍ୱଳ, ଯାହାଙ୍କର ଶରୀରର ଶୁକ୍ଳିମା ଅତି ଶୁଭ୍ର ଓ ସ୍ୱଚ୍ଛ; ଏପରିକି କୈଳାସ ପର୍ବତର ଶୁଭ୍ରତାକୁ ମଧ ପରାହତ କରେ (ହାର୍ଯ୍ୟରୁଗ୍ ଚୈତ୍ର ଗାତ୍ରଃ); ଯାହାଙ୍କର ମାଦକଭରା ଆଖିଦ୍ୱୟର ରଙ୍ଗ ବିସ୍ତୃତ ଓ ଲାଲ ଥିବାରୁ ଉଦୟକାଳୀନ ସୂର୍ଯ୍ୟର ଭ୍ରମ ଉତ୍ପାଦନ କରେ; ଯାହାଙ୍କର ଚକ୍ଷୁଦ୍ୱୟ ସଦା ଭ୍ରମଣଶୀଳ; ଯିଏ ମେଘବର୍ଣ୍ଣ (ଘନନୀଳ) ବସ୍ତ୍ର ପରିଧାନ କରନ୍ତି; ଏବଂ ଯିଏ ଗୋଲାକାର ପୃଥିବୀର ଭାର ଅକାତରରେ ବହନ କରିଥାନ୍ତି ଏବଂ ସ୍ୱଚ୍ଛଭୂଷଣମାନ ଧାରଣ କରିଥାନ୍ତି; ସେହି ବଳରାମ ରୂପୀ ଶ୍ରୀଜଗନ୍ନାଥ ଆମ୍ଭମାନଙ୍କର ଭୀତିନାଶକ ହୁଅନ୍ତୁ ।

ଏହିପରି ସ୍ତୁତିସମୂହ ପତିତପାବନ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରଣୀତ 'ସିଦ୍ଧାନ୍ତ-ଦର୍ପଣ', 'ଦର୍ପଣ-ସାର' ଇତ୍ୟାଦି ଗ୍ରନ୍ଥ-ସମୂହରେ ଉପଲବ୍ଧ ହୋଇଥାଏ । ଏ ସବୁରୁ ସେ ସୁଦୂର ଖଣ୍ଡପଡ଼ାରେ ଜନ୍ମଲାଭ କରି ଶ୍ରୀନୀଳମାଧବଙ୍କ ଚରଣାଶ୍ରିତ ହୋଇ ମଧ; ଶ୍ରୀକ୍ଷେତ୍ର ଓ ଶ୍ରୀକ୍ଷେତ୍ରାଧୀଶ୍ୱର ଶ୍ରୀଜଗନ୍ନାଥଙ୍କ ପ୍ରତି କେତେ ଦୂର ଆକୃଷ୍ଟ ଥିଲେ, ତା'ର ଭୂରି ଭୂରି ପ୍ରମାଣ ମିଳିଥାଏ । ସେ ନିଜକୁ 'ପତିତ' ମାନଙ୍କ ମଧରେ ରାଜା ବୋଲି ଧରିନେଇ ପାତିତ୍ୟରୁ ଉଦ୍ଧାର ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ଭକ୍ତି ନିବେଦନ କରିଛନ୍ତି :-

**ପାରାବାରପ୍ରତୀରପ୍ରଥିତବଟମହାପାଦପସ୍ପର୍ଶନାଶା**
**ପ୍ରୋଦ୍ୟତ୍‌ପ୍ରାସାଦପୀଠାର୍ପିତବିପୁଳବପୁଃ ପାଣ୍ଡୁପଦ୍ମୋପମାକ୍ଷଃ**
**ପୂର୍ଣ୍ଣପ୍ରେମପ୍ରଦାନପ୍ରବଣ ଉପନିଷଦ୍ ପ୍ରାର୍ଥ୍ୟମାନାନୁନମ୍ରଃ**
**ପାପୌଘାମ୍ନାଂ ପୁନୀୟାତ୍‌ପ୍ରତିତପତିମଙ୍ଗଂ ପୂତନାପ୍ରାଣପାୟୀ ॥**

**(ସି.ଦ. ୨୩ ଶ ପ୍ର: ୨୦)**

ଉପରୋକ୍ତ ଶ୍ଳୋକ ପଂକ୍ତିରେ ସାମନ୍ତ ନିଜର କବିତ୍ୱର ପରାକାଷ୍ଠା ୨୦ଥର 'ପ' ଅନୁପ୍ରାସ ବ୍ୟବହାର କରି ଦେଖାଇ ପାରିଛନ୍ତି ଓ ନିଜର ଦୈନ୍ୟ ପ୍ରକାଶ କରି ଶ୍ରୀଜଗନ୍ନାଥ ତାଙ୍କୁ ଉଦ୍ଧାର କରିବା ପାଇଁ ବିନମ୍ର ପ୍ରାର୍ଥନା କରିଛନ୍ତି । ଶ୍ଳୋକର ଅର୍ଥ ନିମ୍ନରେ ପ୍ରଦତ୍ତ ହେଲା :-

'ସମୁଦ୍ର ତୀରରେ ପ୍ରସିଦ୍ଧ ମହାକଳ୍ପବଟ-ବୃକ୍ଷର ସ୍ପର୍ଶ ଥିବା ଦିଗ ଅର୍ଥାତ୍ ସମୁଦ୍ର ତୀରବର୍ତ୍ତୀ ମହାକଳ୍ପବଟ ଯେଉଁ ଅତ୍ୟୁଚ୍ଚ ମନ୍ଦିରକୁ ସ୍ପର୍ଶ କରିଛି; ଯେଉଁ ମନ୍ଦିରର ପୀଠ (ରତ୍ନସିଂହାସନ)ରେ ଯେଉଁ ବିପୁଳ-ବପୁଧାରୀ ମହାପ୍ରଭୁ ପୂଜିତ ହେଉଛନ୍ତି; ଯାହାଙ୍କର ଚକ୍ଷୁଦ୍ୱୟ ଧବଳ-ପୁଷ୍ପପରି ଶୋଭିତ, ଯିଏ ପୂତନା ରାକ୍ଷସୀର ପ୍ରାଣକ୍ଷୀର ସଂଗରେ ଶୋଷି ଦେଇଛନ୍ତି; ଯାହାଙ୍କର ସ୍ତୁତି ବେଦ-ଉପନିଷଦ୍ ମାନଙ୍କରେ ଗାନ କରାଯାଉଛି; ଯେଉଁ ପ୍ରଭୁ ଅନୁଗତ ଭକ୍ତମାନଙ୍କ ନିକଟରେ ବିନୀତ ଏବଂ ସେମାନଙ୍କୁ ପୂର୍ଣ୍ଣ ସ୍ନେହ ପ୍ରଦାନରେ ତତ୍ପର; ସେହି ମହାପ୍ରଭୁ ପତିତପାବନ ଶ୍ରୀଜଗନ୍ନାଥ ମୋତେ (ମୋ ପରି ପତିତକୁ) ସଂସାର ପାପରାଶିରୁ ଉଦ୍ଧାର କରନ୍ତୁ ।

ସେ ନିଜକୃତ 'ସିଦ୍ଧାନ୍ତ-ଦର୍ପଣ'କୁ ଶ୍ରୀନୀଳମାଧବ ରୂପୀ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ସମର୍ପଣ କରି ନିଜର ଶେଷ ଜୀବନ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ରରେ ସ୍ଥାନ ଦେବାକୁ ଭକ୍ତି ନିବେଦନ ଜଣାଇ ଗ୍ରନ୍ଥଲେଖା ଶେଷ କରିଛନ୍ତି ।

**ସୋଽହଂ ବ୍ରହ୍ମଗିରୀଶମାଧବପଦାବାସଃ ସ୍ୱଧର୍ମାଧମଃ**
**ସିଦ୍ଧାନ୍ତଗ୍ରଥନଂ ଚକାର ଯଦିଦଂସ୍ୟାକୃଷ୍ଣପାଦାର୍ପିତମ୍ ॥୧୪୮॥**
**ବାଲୋଦ୍ୟ ଦସିତ ଗୋତ୍ରେ ସୂତ୍ରାମାଦି ସ୍ତବାବଳୀ ପାତ୍ରେ ।**
**ଗାତ୍ରଂ ମମ ସୁପବିତ୍ରେ ନିପତତୁ ପୁରୁଷୋତ୍ତମକ୍ଷେତ୍ରେ ॥୧୫୯॥**

ଅର୍ଥାତ୍ ବ୍ରହ୍ମାଦ୍ରିନାଥ ଶ୍ରୀନୀଳ-ମାଧବଙ୍କ ପାଦଦେଶରେ (ଖଣ୍ଡପଡ଼ାରେ କଣ୍ଟିଲୋଠାରେ ନୀଳମାଧବ ବିଦ୍ୟମାନ) ବାସ କରୁଥିବା ମୁଁ ଅଧମାଧମ ସିଦ୍ଧାନ୍ତ ଗ୍ରନ୍ଥ ରଚନା ଶେଷ କଲି । ଏହାକୁ ଶ୍ରୀ ନୀଳମାଧବ ରୂପୀ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ସମର୍ପଣ କରି ମୋର ଗାତ୍ର ପବିତ୍ର ପୁରୁଷୋତ୍ତମ କ୍ଷେତ୍ରରେ ନିପତିତ ହେଉ ବୋଲି ଭକ୍ତି ନିବେଦନ କରୁଛି ।

**ବ୍ରାହ୍ମଣ ସାହି**
**ଖଣ୍ଡପଡ଼ା ପଡ଼ା, ଜି. ନୟାଗଡ଼**

**ଗ୍ରନ୍ଥସୂଚନା :-**

୧. ସିଦ୍ଧାନ୍ତ ଦର୍ପଣ - ଶ୍ରୀଚନ୍ଦ୍ରଶେଖର ସିଂହ ସାମନ୍ତ ।
୨. ସିଦ୍ଧାନ୍ତ ଦର୍ପଣ ଟୀକା - ପଣ୍ଡିତ ବୀରହନୁମାନ ଶାସ୍ତ୍ରୀ ।
୩. ସାମନ୍ତ ଚନ୍ଦ୍ରଶେଖର - ପଣ୍ଡିତ ଚନ୍ଦ୍ରଶେଖର ମିଶ୍ର, (କାବ୍ୟତୀର୍ଥ)